**Term End Examination- June 2018**
**Program Title: ଓଡ଼ିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ (DOLC)**
**Course Title : ବ୍ୟବହାରିକ ବ୍ୟାକରଣ**
**Course Code: DOLC - 02**

ସମୟ : ୩ ଘଣ୍ଟା

ପୂର୍ଣ୍ଣସଂଖ୍ୟା : ୧୦୦

'କ' ବିଭାଗରୁ ୧୦ଟି ପ୍ରଶ୍ନର ଉତ୍ତର, 'ଖ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର, 'ଗ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଓ 'ଘ' ବିଭାଗରୁ ୨ଟି ପ୍ରଶ୍ନର ଉତ୍ତର ଲେଖ।

'କ' ବିଭାଗ

ପ୍ରତ୍ୟେକ ପ୍ରଶ୍ନରୁ ଗୋଟିଏ ଲେଖାଏଁ ସଠିକ୍ ଉତ୍ତର ବାଛ।

ପ୍ରଶ୍ନ -୧: ୧x୧୦=୧୦

(କ) ମନ୍ଦାକିନୀ ଓଡ଼ିଶୀ ନୃତ୍ୟ କରୁଛି। ଏହି ବାକ୍ୟରେ ଥିବା ଉଦ୍ଦେଶ୍ୟକୁ ଚିହ୍ନିତ କର।
(୧) ଓଡ଼ିଶୀ (୨) କରୁଛି (୩) ମନ୍ଦାକିନୀ (୪) ନୃତ୍ୟ

(ଖ) ବାକ୍ୟରେ ପୂର୍ବ ପଦ ସହ ପରପଦର ସଂପର୍କକୁ ________ କୁହାଯାଏ।
(୧) ଆକାଂକ୍ଷା (୨) ଆସତ୍ତି (୩) ଯୋଗ୍ୟତା (୪) ବିଧେୟ

(ଗ) ଆସତ୍ତି କହିଲେ କ'ଣ ବୁଝାଏ ?
(୧) ସଂହତି (୨) ସଂହତିହୀନତା (୩) ଦୁର୍ବୋଧତା (୪) ଅବୋଧତା

(ଘ) ସରଳ ବାକ୍ୟରେ କେତୋଟି ସମାପିକାକ୍ରିୟା ବ୍ୟବହୃତ ହୁଏ।
(୧) ଗୋଟିଏ (୨) ଦୁଇଟି (୩) ଅନେକ (୪) ତିନୋଟି

(ଙ) ଯେଉଁ କବିତା ବା ପଦ୍ୟରେ ପ୍ରାନ୍ତମିଳନ ଘଟିଥାଏ ତାହାକୁ ________ ଛନ୍ଦ କୁହାଯାଏ।
(୧) ଅମିତ୍ରାକ୍ଷର (୨) ବଙ୍ଗଳାଶ୍ରୀ (୩) ମିତ୍ରାକ୍ଷର (୪) ରସକୂଲ୍ୟା

(ଚ) କୋଇଲି ଏକ ସମ୍ବୋଧନାତ୍ମକ ________ ଗୀତିକବିତା ରଚନାଶୈଳୀ।
(୧) ନବୀନ (୨) ପ୍ରାଚୀନ (୩) ଆଧୁନିକ (୪) ସମକାଳ

(ଛ) ଭଜନ ଶବ୍ଦଟି ସଂସ୍କୃତରେ କେଉଁ ଧାତୁରୁ ଉତ୍ପନ୍ନ ହୋଇଛି ?
(୧) ଭାଜ (୨) ଭଜ୍ (୩) ଭଜ (୪) ଭୁଜ

(ଜ) ଜଣାଣ ________ ମୂଳକ।
(୧) ପ୍ରାର୍ଥନା (୨) ସ୍ତୁତି (୩) ପ୍ରଶଂସା (୪) ତୋଷାମୋଦ

(ଝ) ଗଦ୍ୟ ଓ ପଦ୍ୟ ମିଶ୍ରିତ ରଚନାକୁ କ'ଣ କୁହାଯାଏ ?
(୧) ଅଳଙ୍କାର (୨) କୋଇଲି (୩) ଚମ୍ପୂ (୪) ଚଉତିଶା

(ଞ) କିଶୋର ଚନ୍ଦ୍ରାନନ ଚମ୍ପୁର ରଚୟିତା କିଏ ?

(୧) ବନମାଳୀ (୨) ବଳଦେବ (୩) ଉପେନ୍ଦ୍ର ଭଞ୍ଜ (ଘ) ଗୋପାଳକୃଷ୍ଣ

## 'ଖ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୫୦ଟି ଶବ୍ଦ ମଧ୍ୟରେ)

ପ୍ରଶ୍ନ -୨: ୫x୪=୨୦

(କ) ଜଟିଳ ବାକ୍ୟ କାହାକୁ କୁହାଯାଏ ?

(ଖ) ବାକ୍ୟ ଗଠନରେ ଯୋଗ୍ୟତା ଓ ଆସତ୍ତିର ଭୂମିକା କିପରି ରହିଥାଏ ?

(ଗ) ଭାବବୋଧକ ବାକ୍ୟ କହିଲେ କ'ଣ ବୁଝ ?

(ଘ) ଚୋଖି ଛନ୍ଦର ଲକ୍ଷଣ ଲେଖ ।

(ଙ) ଭଜନ କାହାକୁ କୁହାଯାଏ ?

(ଚ) ଯତିପାତ କହିଲେ କ'ଣ ବୁଝ ।

## 'ଗ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୨୦୦ ଶବ୍ଦ ମଧ୍ୟରେ)

ପ୍ରଶ୍ନ -୩ : ୧୦x୪=୪୦

(କ) ବାକ୍ୟରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତିର ଭୂମିକା ସଂପର୍କରେ ଆଲୋଚନା କର ।

(ଖ) ଅମିତ୍ରାକ୍ଷର ଛନ୍ଦ କାହାକୁ କୁହାଯାଏ, ଉଦାହରଣ ସହ ଆଲୋଚନା କର ।

(ଗ) ଭଜନ ଓ ଜଣାଣ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ଦର୍ଶାଅ ।

(ଘ) କୋଇଲିର ଗଠନରୀତି ଉଦାହରଣ ସହ ଆଲୋଚନା କର ।

(ଙ) ଶବ୍ଦାଳଙ୍କାର କାହାକୁ କୁହାଯାଏ, ଉଦାହରଣ ସହ ଦର୍ଶାଅ ।

(ଚ) ଚଉତିଶାର ପ୍ରକାରଭେଦ ଦର୍ଶାଅ ।

## 'ଘ' ବିଭାଗ

ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୨୫୦ ଶବ୍ଦ ମଧ୍ୟରେ)

୧୫x୨=୩୦

ପ୍ରଶ୍ନ -୪: ବାକ୍ୟକହିଲେ କ'ଣ ବୁଝ ? ଏକ ସଫଳ ବାକ୍ୟ ଗଠନ ନିମିତ୍ତ କେଉଁ କେଉଁ ଉପାଦାନର ଆବଶ୍ୟକତା ରହିଥାଏ ?

ପ୍ରଶ୍ନ -୫: ଅର୍ଥାଳଙ୍କାର କାହାକୁ କୁହାଯାଏ ? ଉଦାହରଣ ସହ ଲେଖ ।

ପ୍ରଶ୍ନ -୬: ଚମ୍ପୁର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର ।

ପ୍ରଶ୍ନ -୭: ଚଉତିଶାର ସ୍ୱରୂପ ଓ ପ୍ରକାରଭେଦ ଆଲୋଚନା କର ।

*****